# Akashvani, Sambalpur

## SAMBALPURI NEWS EVENING BULLETIN

**6 April 2024- 7.02 pm- 7.12 pm.**

*********************************************

୧- ଆନ୍ତର୍ଜାତୀୟ ଯୋଗ ଦିବସ୍- ୨୦୨୪ ର ଶହେ ଦିନର୍ କାଉଂଟ୍‌ଡାଉନ୍ ଆଏବା କାଏଲ୍‌ନୁ ହେବା ମୁଲ୍ ।

୨- ଭାରତୀୟ ଜନତା ପାର୍ଟି ଆଏଜ୍ ପାଲନ୍ କରୁଛେ ତାର୍ ୪୪ ନମ୍ବର୍ ପ୍ରତିଷ୍ଠା ଦିବସ୍ ।

୩- ଡେବ୍ରିଗଡ୍ ଇକୋଟ୍ୟୁରିଜମ୍ ପ୍ରକଳ୍ପନୁ ରେକର୍ଡ୍ ସାଢ଼େ ୩ କୋଟି ଟଙ୍କାର ରାଜସ୍ୱ ଅସୁଲ୍ ।

ଆଉର୍

୪- ରାଏଜେ ଗ୍ରୀଷ୍ମପ୍ରବାହ ଜାରି- ୪ ଟା ସହରର୍ ତାପମାତ୍ରା ୪୩ ଡିଗ୍ରୀନୁ ଅଏତ୍‌କା ।

ଆନ୍ତର୍ଜାତୀୟ ଯୋଗ ଦିବସ୍-୨୦୨୪ ପି.ଆଇ.ବି.

ଆନ୍ତର୍ଜାତୀୟ ଯୋଗ ଦିବସ୍-୨୦୨୪ର ଶହେ ଦିନ୍‌ର କାଉଂଟ୍‌ଡାଉନ୍ ଅବ୍‌ସରେ ଆଏବାକାଏଲ୍ ମହାରାଷ୍ଟ୍ରର୍ ପୁନେ ଠାନେ ୭୫ ନମ୍ବର୍ ଦିନ୍‌ର କାଉଂଟ୍‌ଡାଉନ୍‌ଥି ୫

ହଜାର୍‌ନୁ ଅଏତ୍‌କା ଯୋଗପ୍ରେମୀ ଅଂଶଗ୍ରହଣ୍ କର୍‌ବେ । ସାମଗ୍ରୀକ ସ୍ୱାସ୍ଥ୍ୟ ଆଉ କଲ୍ୟାଣ୍ ଆଭିମୁଖ୍ୟ ଉପ୍‌ରେ ଜୋର୍ ଦେବାର୍ ସହେତେ ଯୋଗର ଶକ୍ତିକେ ନଜର୍‌ଥି ରଖିକରି ଇ ମହୋତ୍ସବ୍‌ଥି ଗ୍ରାମପ୍ରଧାନ୍, ଅଙ୍ଗନବାଡ଼ି ଆଉ ଆଶା କର୍ମୀ, ସ୍ୱୟଂସହାୟକ ଗୋଷ୍ଠୀ, ଆୟୁସ୍ ସ୍ୱାସ୍ଥ୍ୟ କଲ୍ୟାଣ୍ କେନ୍ଦ୍ର ମହିଳା କଲ୍ୟାଣ ସଂଗଠନ୍, ସ୍କୁଲ୍ ଛାତ୍ରଛାତ୍ରୀ ଆଉ ଅଲ୍‌ଗାମାନେ ଅଂଶଗ୍ରହଣ୍ କର୍‌ବେ ବଲି ଜନାପଡ଼ିଛେ । ଆୟୁସ୍ ମନ୍ତ୍ରଣାଳୟ - ମୋରାର୍‌ଜୀ ଦେଶାଇ ଜାତୀୟ ଯୋଗ ପ୍ରତିଷ୍ଠାନ୍ ସାଙ୍ଗେ ମିଶିକରି ଗଲାମାସର୍ ୧୩ ତାରିଖ୍‌ନୁ ଆଏବା ଜୁନ୍ ମାସର୍ ୨୧ ତାରିଖ୍‌ତକ୍ ଦେଶର୍ ଭିନ୍ ଭିନ୍ ବିଶ୍ୱବିଦ୍ୟାଳୟ, ଅନୁଷ୍ଠାନ୍ ଆର୍ କଲେଜ୍‌ର ସାହାଜିଥି 'ଶହେ ଦିନ୍- ଶହେ ସହର୍ ଆଉ ଶହେ ସଂଗଠନ୍ ଅଭିଯାନ୍ ଆୟୋଜନ୍ କରୁଛେ ।

ବିଜେପି ପ୍ରତିଷ୍ଠା ଦିବସ୍          ସମ୍ବଲ୍‌ପୁର୍ ସମ୍ବାଦଦାତା/ବୌଦ୍ଧ

ଭାରତୀୟ ଜନତା ପାର୍ଟି ଆଏଜ୍ ତାର୍ ୪୪ ନମ୍ବର୍ ପ୍ରତିଷ୍ଠା ଦିବସ୍ ପାଲନ୍ କରୁଛେ । ୧୯୮୦ ମସିହା ଆଝିର୍ ଦିନେ ରାଜନୈତିକ୍ ଦଲ୍ ଭାବେ ଅଟଲ୍‌ବିହାରୀ ବାଜପେୟୀଙ୍କର୍ ଅଧ୍ୟକ୍ଷତାଥି ଦଲ୍ ଗଢ଼ିଉଠିଥିଲା । ବିଜେପି ଦିଲ୍ଲୀ ରାଷ୍ଟ୍ରୀୟ ମୁଖ୍ୟ କାର୍ଯ୍ୟାଳୟ, ରାଜ୍ୟ ଆଉ ଜିଲ୍ଲାସ୍ତର୍‌ଥି ଦଲ୍ ତର୍‌ଫୁ ପ୍ରତିଷ୍ଠା ଦିବସ୍ ଅବ୍‌ସରେ ଭିନ୍ ଭିନ୍ କାର୍ଯ୍ୟକ୍ରମ୍‌ମାନ୍ ଆୟୋଜନ୍

କରାଯାଇଛେ । ୨ଟା ଲୋକ୍‌ସଭା ଆସନ୍‌ନୁ ବିଜେପିର୍ ରାଜନୈତିକ ଯାତ୍ରା ମୁଲ୍ ହେଇଥିଲା ।

ସମ୍ବଲ୍‌ପୁର୍ ଠାନେ ଭାରତୀୟ ଜନତା ପାର୍ଟିର ପ୍ରତିଷ୍ଠା ଦିବସ୍ ପାଲନ୍ କରାଯାଇଥିଲା । ବିଜେପି ଜିଲ୍ଲା କାର୍ଯ୍ୟାଳୟ ଠାନେ ଇ ଉଲ୍‌ଗୁନେ ହେଇଥିବା ଗୁଟେ ସଭାଥି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ୍ ଆର୍ ଅଲ୍‌ଗା ସିଆନ୍ ସୁଜନ୍‌ମାନେ ସାମିଲ୍ ହେଇଥିଲେ । ଇ ଅବ୍‌ସରେ ମନ୍ତ୍ରୀ ଶ୍ରୀ ପ୍ରଧାନ କହିଛନ୍ ଯେ, ଦେଶର୍ ଅଗଣିତ କର୍ମଯୋଗୀଙ୍କର୍ ଅବଦାନ୍‌ଥି ଆଏଜ୍ ଭାରତୀୟ ଜନତା ପାର୍ଟି ପୁର୍‌ଥିର୍ ସବୁନୁ ବଡ଼ ରାଜନୈତିକ୍ ଦଲର୍ ମାଏନ୍‌ତା ପାଇଛେ । ରାଜ୍ୟ ବିଧାନ୍‌ସଭାର୍ ବିରୋଧୀ ଦଲର୍ ନେତା ଜୟନାରାୟଣ୍ ମିଶ୍ର କହିଛନ୍ ଯେ, ୧୯୮୦ ମସିହାଥି ସ୍ୱର୍ଗତ ଅଟଲ୍ ବିହାରୀ ବାଜପେୟୀଙ୍କର୍ ଦ୍ୱାରା ଭାରତୀୟ ଜନତା ପାର୍ଟି ପ୍ରତିଷ୍ଠା ହେଇଥିଲା । ପ୍ରତିଷ୍ଠା ଦିବସ୍‌ଥି ରେଙ୍ଗାଲି ବିଧାୟକ୍ ନାଉରୀ ନାଏକ୍ ଭିଲ୍ ସାମିଲ୍ ହେଇଥିଲେ ।

ବୌଦ୍ଧ ଜିଲ୍ଲା ବିଜେପି କାର୍ଯ୍ୟାଳୟ ଠାନେ ଭିଲ୍ ଦଲର୍ ପ୍ରତିଷ୍ଠା ଦିବସ୍ ପାଲନ୍ କରାଯାଇଥିଲା । ଇଥି ଜିଲ୍ଲା ସଭାପତି ବିପ୍ର ଚରଣ୍ ମହାନ୍ତି ଅଧ୍ୟକ୍ଷତା କରିଥିଲେ । ଦଲର୍ ବିଚାର୍‌ଧାରା ଉପ୍‌ରେ ସମସ୍ତେ ସଂକଳ୍ପିତ ରହେବାର୍‌କେ ସଭାଥି ଆହ୍ୱାନ୍ ଦିଆଯାଇଥିଲା ।

ଆଉଟଡୋର୍ ଖେଲ୍ -କଟ୍‌କନା ଆର୍‌ଏନ୍‌ୟୁ/ କଟକ୍

ଜବର୍ ଖରାକେ ନଜର୍‌ଥି ରଖିକରି ସ୍ୱତନ୍ତ୍ର ରିଲିଫ୍ କମିଶନର୍ ଆଉଟ୍‌ଡୋର୍ ଖେଲ୍ ଉପ୍‌ରେ କଟ୍‌କନା ଜାରି କରିଛନ୍। କ୍ରିକେଟ୍, ହକି ଆଉ ଫୁଟ୍‌ବଲ୍ ବାଗିର୍ ଖେଲ୍ ଖରାଥି ନାଇଁ ଖେଲ୍‌ବାର୍ ଲାଗି କ୍ରୀଡ଼ାବିଭାଗ୍ ନିର୍ଦ୍ଦେଶକଙ୍କୁ ସ୍ୱତନ୍ତ୍ର ରିଲିଫ୍ କମିଶନର୍‌ଙ୍କର୍ ତର୍‌ଫୁ ଚିଠି ଲେଖାଯାଇଛେ। ଦିନର୍ ୧୧ ବଜେନୁ ଉପର୍‌ବେଲା ୩ ବଜେତକ୍ ବାହାରେ ନାଇଁ ଖେଲ୍‌ବାର୍ ଲାଗି ପରାମର୍ଶ ଦିଆଯାଇଛେ। ଜବର୍ ଗ୍ରୀଷ୍ମପ୍ରବାହଥି ଭିନ୍ ଭିନ୍ ଜାଗା ନ ଖେଲ୍ ଚାଲୁଥିବାର୍ ଜାନ୍‌ଲା ଉତ୍‌ରୁ ସ୍ୱତନ୍ତ୍ର ରିଲିଫ୍ କମିଶନର୍‌ଙ୍କର୍ ତର୍‌ଫୁ ଇ ପଦକ୍ଷେପ୍ ନିଆଯାଇଛେ।

ଗ୍ରୀଷ୍ମପ୍ରବାହ-ରାଜ୍ୟ ସର୍‌କାର୍ ଆର୍‌ଏନ୍‌ୟୁ/ କଟକ୍

ରାଏଜେ ଜବର୍ ଗ୍ରୀଷ୍ମପ୍ରବାହ ଲାଗି ଅଂଶୁଘାତ୍‌ର ଡର୍‌କେ ନଜର୍‌ଥି ରଖିକରି ସର୍‌କାର୍ ସବୁ ଥିତିର୍ ମୁକାବିଲା ଲାଗି ପ୍ରସ୍ତୁତ୍ ଅଛନ୍ ବଲି ରାଜ୍ୟ ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ୍ ନିରଞ୍ଜନ ମିଶ୍ର କହିଛନ୍। ସେ କହିଛନ୍ ଯେ, ଅଂଶୁଘାତ୍‌ର ଚିକିତ୍ସା ଲାଗି ଫି ଜିଲ୍ଲା ମୁଖ୍ୟ ଡାକ୍ତର୍‌ଖାନା ମାନ୍‌କେ ୬ଟା ଆଉ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ମାନ୍‌କେ ୨ ଟା ଲେଖା ଶଯ୍ୟାର୍ ବ୍ୟବସ୍ଥା କରାଯାଇଛେ। ସେନ୍ତା ଫି ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରମାନ୍‌କେ ଗୁଟେ ଲେଖା ଶଯ୍ୟାର ବ୍ୟବସ୍ଥା କର୍‌ବାର୍‌କେ ବିଭାଗ୍‌ର ଅଧିକାରୀମାନ୍‌କୁ ନିର୍ଦ୍ଦେଶ୍

ଦିଆଯାଇଛେ । ସ୍ୱାସ୍ଥ୍ୟକେନ୍ଦ୍ରମାନ୍‌କେ ପର୍ଯ୍ୟାପ୍ତ ପିଇବାର୍ ପାଏନ୍ ରଖିବାର୍ ସହେତେ ଓଆର୍‌ଏସ୍ ଆର୍ ଏସିର ବନ୍ଦୋବସ୍ତ କର୍‌ବାର୍‌କେ ଭିଲ୍ କୁହାଯାଇଛେ । ଦର୍‌କାରୀ ପରିମାଣ୍‌ର ଉଷୋ ମହଜୁଦ୍ ରଖ୍‌ବାର୍‌କେ ସବୁ ଡାକ୍ତର୍‌ଖାନାର କର୍ତ୍ତୃପକ୍ଷଙ୍କୁ ନିର୍ଦ୍ଦେଶ୍ ଦିଆଯାଇଛେ ବଲି ଭିଲ୍ ରାଜ୍ୟ ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ କହିଛନ୍ ।

ଇକୋ ଟୁରିଜମ୍-ରାଜସ୍ୱ ଆଦାୟ ସମ୍ବଲ୍‌ପୁର୍ ସମ୍ବାଦଦାତା

ହୀରାକୁଦ୍ ବନ୍ୟପ୍ରାଣୀ ଡିଭିଜନ୍‌ର ଡେବ୍ରିଗଡ଼୍ ଇକୋଟ୍ୟୁରିଜମ୍ ନୁ ଗଲା ଆର୍ଥିକ୍ ବଛ୍‌ରେ ୩ କୋଟି ୫୦ ଲାଖ୍ ଟଙ୍କା ରାଜସ୍ୱ ଠୁଲାଯାଇଛେ । ସେନର୍ ଲୁକ୍‌କର୍ ଜରିଏ ପରିଚାଲନା କରାଯାଉଥିବାର୍ ଡେବ୍ରିଗଡ଼୍ ଇକୋଟ୍ୟୁରିଜମ୍ ନୁ ଇଥର ଆଦାୟ କରାଯାଇଥିବା ରାଜସ୍ୱ ରାଏଜେ ସବୁଠାନୁ ଜହ ଆଏ । ହେନ୍ତା ଗଲାବଛର୍ ଡେବ୍ରିଗଡ଼୍ ଅଭୟାରଣ୍ୟକେ ପାଖାପାଖି ୭୦ ହଜାର୍ ପର୍ଯ୍ୟଟକ ଆସିଥିଲେ । ଅଭୟାରଣ୍ୟ ଭିତ୍‌ରେ ରାତିରହଣି, ଜଙ୍ଗଲ୍ ସଫାରି, ଟ୍ରେକିଂ ଆଉ ନୌଚାଲନା ବାଗିର୍ ଭିନ୍ ଭିନ୍ ସୁବିଧାକେ ଦେଶର୍ ୧୫ ଟା ରାଜ୍ୟ ଆଉ ୟୁରୋପୀୟ ଦେଶ, ଯୁକ୍ତରାଷ୍ଟ୍ର ଆମେରିକା, ଇଂଲଣ୍ଡ୍ ଆଉ ଅଷ୍ଟ୍ରେଲିଆ ବାଗିର୍ ବାହାର୍ ଦେଶ୍‌ର ପର୍ଯ୍ୟଟକ୍‌ମାନେ ଉପଭୋଗ୍ କରିଥିଲେ ବଲି ଡିଏଫ୍‌ଓ ଅଂଶୁପ୍ରଜ୍ଞା ଦାସ କହିଛନ୍ ।

ଏନ୍‌ସିଇଆର୍‌ଟିବହି       ଆର୍‌ଏନ୍‌ୟୁ/ ସମ୍ବଲ୍‌ପୁର୍

ଭାରତ୍ ସର୍‌କାର୍‌ଙ୍କର୍ ତର୍‌ଫୁ ଜାତୀୟ ଶିକ୍ଷାନୀତି - ଏନ୍‌ଇପି - ୨୦୨୦ ଲାଗୁ ହେବାର୍ ଉତ୍‌ରୁ ସ୍କୁଲ୍ ଶିକ୍ଷା ପାଠ୍ୟକ୍ରମ୍ ଆଉ ଶିକ୍ଷାଦାନ୍‌ଥି ସଂସ୍କାର୍ ମୁଲ୍ ହେଇଛେ । ୨୦୨୨ ମସିହା ଅକ୍ଟୋବର୍ ମାସେ ମୌଳିକ ଆଉ ପ୍ରାରମ୍ଭିକ୍‌ସ୍ତର୍ ପାଠ୍ୟଚର୍ଯ୍ୟାର ପ୍ରସ୍ତାବ୍ ଅନ୍‌ସାରେ ପୋଷ୍ଟର୍, ଖେଲ୍‌ନା, କାହାଣୀ କାର୍ଡ଼ ଆର୍ ଖେଲ୍ ଆଧାରିତ୍ ପାଠ୍ୟପୁସ୍ତକ୍ ସହେତେ ୧ ଆଉ ୨ କ୍ଲାସ୍ ଲାଗି ଶିକ୍ଷା- ଶିକ୍ଷାଦାନ୍ ସାମଗ୍ରୀ ଠୁଲାବାର୍ କାମ୍ ମୁଲ୍ ହେଇଥିଲା । ଜାତୀୟ ଶିକ୍ଷାନୀତିର ଦୃଷ୍ଟିକୋଣ ଉପ୍‌ରେ ନଜର୍ ଦିଆଯାଇକରି ଏନ୍‌ସିଇଆର୍‌ଟି ଭାରତୀୟ ଭାଷାର ୫୪ ଟା ପ୍ରାଇମର୍ ପ୍ରକାଶ୍ କରିଛେ । ଇଥି କୁଇ ଆର୍ ଦେଶୀୟା ବାଗିର୍ ଭାଷାଥି ମାତୃଭାଷାନୁ ଭାଷା ସୁଗମ ପରିବର୍ତନ୍ ଲାଗି କାର୍ଯ୍ୟକ୍ରମ୍ ମୁଲ୍ ହେଇସାରିଛେ । ୨୦୨୪-୨୫ ଶିକ୍ଷାବଛର୍ ଲାଗି ୩ ଆଉ ୬ କ୍ଲାସ୍ ଲାଗି ପଢ଼ା ବହି ପ୍ରସ୍ତୁତ୍ କରାଯାଇଛେ । ୧ ଆଉ ୨ କ୍ଲାସ୍‌ର ଭିଲ୍ ପଢ଼ାବହି ମିଲୁଥିବାର୍ ବେଲେ ୭, ୮, ୯ ଆର୍ ୧୨ କ୍ଲାସ୍ ଲାଗି ଭିଲ୍ ପଢ଼ାବହି ଛାପା ଆକାର୍ ନ ମିଲ୍‌ଲାନ । ୪, ୫, ୯ ଆଉ ୧୧ ଶ୍ରେଣୀର୍ ପଢ଼ାବହି ପ୍ରକାଶ୍ ପାଇଛେ ଆଉ ଆଏବା ମେ ମାସ ୩୧ ତାରିଖ୍‌ତକ୍ ଦର୍‌କାରୀ ସଂଖ୍ୟାଥି ମିଲ୍‌ବା ।

ହେଲେ ଇ ପଢ଼ାବହି ସବୁ ଡିଜିଟାଲ୍ ଭାବେ ଏନ୍‌ସିଇଆର୍‌ଟି ୱେବ୍‌ସାଇଟ୍, ଦୀକ୍ଷା ଆର୍ ପାଠ୍‌ଶାଲା ସହେତେ ମୋବାଇଲ୍ ଆପ୍‌ଥି ଭିଲ୍ ମିଲୁଛେ ବଲି ଏନ୍‌ସିଇଆର୍‌ଟି ତର୍‌ଫୁ କୁହାଯାଇଛେ ।

ନିର୍ବାଚନ୍ ତୟାରି ସମୀକ୍ଷା ସମ୍ବଲ୍‌ପୁର୍ ସମ୍ବାଦଦାତା

ସମ୍ବଲ୍‌ପୁର୍ ଜିଲ୍ଲା ନ ନିର୍ବାଚନ୍ ପରିଚାଲନା ବାବ୍‌ଦେ ଗଲାକାଏଲ୍ ମହାନଗର୍ ନିଗମ୍ ସମ୍ମିଲନୀ କକ୍ଷ ଠାନେ ରାଜ୍ୟ ଅତିରିକ୍ତ ନିର୍ବାଚନ୍ ଅଧିକାରୀ ଏନ୍.ଥିରୁମାଲା ନାଏକ୍‌ଙ୍କର୍ ଅଧ୍ୟକ୍ଷତାଥି ଗୁଟେ ସମୀକ୍ଷା ବୈଠକ୍ ହେଇଯାଇଛେ । ଆଦର୍ଶ ଆଚରଣ ବିଧି ପାଲନ୍, ଡାକ ବେଲଟ୍ ଆଉ ବରିଷ୍ଠ ଭୋଟର୍ ମାନ୍‌କର୍ ସୁବିଧା ବାଗିର୍ ବିଷେ ମାନ୍‌କର୍ ଉପ୍‌ରେ ବୈଠକ୍‌ଥି ଜୋର୍ ଦିଆଯାଇଥିଲା । ଇଥି ଜିଲ୍ଲାପାଲ୍ ଆଉ ଜିଲ୍ଲା ରିଟର୍ଣ୍ଣିଂ ଅଧିକାରୀ ଅଗ୍ରୱାଲ୍ ଅକ୍ଷୟ ସୁନୀଲ୍‌ଙ୍କର୍ ସହେତେ ଏସ୍.ପି. ଆର୍ ରିଟର୍ଣ୍ଣିଂ ଅଧିକାରୀମାନେ ଯୋଗ୍ ଦେଇଥିଲେ ।

ଯୁକ୍ତଦୁଇ ଖାତାଦେଖା ଆର୍‌ଏନ୍‌ୟୁ/ କଟକ୍

ଉଚ୍ଚମାଧ୍ୟମିକ ଶିକ୍ଷା ପରିଷଦ୍ - ସି.ଏଚ୍.ଏସ୍.ଇ ତର୍‌ଫୁ କରାଯାଇଥିବାର୍ ଯୁକ୍ତ ଦୁଇ ପରୀକ୍ଷାଖାତା କାମ୍‌ର ୨ ନମ୍ବର୍‌ଖେପ୍ ଆଏଜ୍‌ଠାନୁ ମୁଲ୍ ହେଇଛେ । ଇଟା ଆଏବା ୨୦ ତାରିଖ୍‌ତକ୍ ଚାଲ୍‌ବା । ୨ ନମ୍ବର୍ ଖେପର୍ ଯୁକ୍ତ ଦୁଇ ପରୀକ୍ଷା ଖାତାଦେଖା କାମ୍ ଗଲା ୪ ତାରିଖ୍‌ନୁ ମୁଲ୍ ହେବାର୍ ଥିଲା । ହେଲେ ପହେଲା ଖେପର୍ ଖାତାଦେଖା ସମିଆଥି ୨ ଦିନ୍ ଛୁଟି ହେବାର୍‌ନୁ ଡେରି ହେଇଥିଲା । ହେଲେ ଧାରିଜ୍ ସମିଆଥି ଖାତାଦେଖା କାମ୍ ସର୍‌ବା ଆଉ ମେ ମାସର୍ ୧୫ ତାରିଖ୍ ଭିତ୍‌ରେ ପରୀକ୍ଷା ଫଲ୍ ବାହାର୍ କର୍‌ବାର୍‌କେ ଠିକ୍‌ନା କରାଯାଇଛେ ବଲି ପରିଷଦ୍ ତର୍‌ଫୁ କୁହାଯାଇଛେ ।

ଆଇନ୍ ସଚେତନତା ଶିବିର-ବୌଦ୍ଧ ବୌଦ୍ଧ ସମ୍ବାଦଦାତା

ବୌଦ୍ଧ ଜିଲ୍ଲା ହର୍‌ଭଙ୍ଗା ତାଲୁକ୍ ଆଇନ୍‌ସେବା ପ୍ରାଧିକରଣ୍ ତର୍‌ଫୁ ଆଏଜ୍ ଚାର୍‌ଛକ୍ ହାଇସ୍କୁଲ୍ ଠାନେ ଗୁଟେ ଆଇନ୍ ସଚେତନତା ଶିବିର କରାଯାଇଥିଲା । ଇନ ମହିଳାମାନ୍‌କର୍ ସୁରକ୍ଷା ଆଉ ସୁବିଧାର୍ ଲାଗି ଥିବା ଆଇନ୍ ମାନ୍‌କର୍ ଉପ୍‌ରେ ଛାତ୍ରଛାତ୍ରୀମାନ୍‌କୁ ସଚେତନ୍ କରାଯାଇଥିଲା । ପ୍ରଥମଶ୍ରେଣୀ ବିଚାର୍‌ବିଭାଗୀୟ ମାଜିଷ୍ଟ୍ରେଟ୍ ପ୍ରିତିଶ୍ କୁମାର୍ ସାମଲ୍ ଇଥି ମୁଖିଆ କୁନୁଆଁ ଭାବେ ସାମିଲ୍ ହେଇଥିଲେ ।

ଖରା -ଝାର୍ସୁଗୁଡ଼ା ଝାର୍ସୁଗୁଡ଼ା ସମ୍ବାଦଦାତା

ଗ୍ରୀଷ୍ମପ୍ରବାହକେ ନଜର୍ଥି ରଖିକରି ଝାର୍ସୁଗୁଡ଼ା ଜିଲ୍ଲା ପ୍ରଶାସନ୍ ତର୍ଫୁ ସ୍କୁଲ୍ ସମୟ ବଦ୍ଲାଯାଇଛେ । ଜିଲ୍ଲାର୍ ସ୍କୁଲ୍ମାନ୍କେ ସଖାଲର୍ ସାଢ଼େ ୬ ବଜେନୁ ସାଢ଼େ ୧୦ ବଜେତକ୍ ପାଠ୍ପଢ଼ା ହେବା ବଲି ପ୍ରଶାସନ୍ ନିର୍ଦ୍ଦେଶ୍ ଦେଇଛନ୍ । ହେନ୍ତା ଦିନର୍ ୧୧ ବଜେନୁ ଉପର୍ବେଲା ୩ ବଜେତକ୍ ଘରୁ ବାହାର୍କେ ନାଇଁ ବାହାର୍ବାର୍ଲାଗି ଲୁକ୍କୁ ପରାମର୍ଶ ଦିଆଯାଇଛେ । ଦର୍କାରୀ ପରିମାଣ୍ର ପିଇବାର୍ ପାଏନ୍ ବ୍ୟବସ୍ଥା କର୍ବାର୍ ଲାଗି ଓ୍ୱାଟ୍କୋ କେ ନିର୍ଦ୍ଦେଶ୍ ଦିଆଯାଇଥିବାର୍ ବେଲେ ଅଂଶୁଘାତକେ ନଜର୍ଥି ରଖିକରି ଡାକ୍ତର୍ଖାନାମାନ୍କେ ଦର୍କାରୀ ବ୍ୟବସ୍ଥା କର୍ବାର୍କେ ଜିଲ୍ଲାପାଲ୍ ଆବୋଲି ସୁନୀଲ୍ ନର୍ଓ୍ୱଣେ କହିଛନ୍ ।

ଦୁର୍ଘଟଣା- ନୂଆପଡ଼ା ନୂଆପଡ଼ା ସମ୍ବାଦଦାତା

ନୂଆପଡ଼ା ଜିଲ୍ଲା ଖଡ଼ିଆଲ୍ ବ୍ଲକ୍ର ୩୫୩ ନମ୍ବର୍ ଜାତୀୟ ରାଜପଥର ଦେବାହାଲ୍ ଠାନେ ଆଏଜ୍ ଗୁଟେ ସଡ଼କ୍ ଦୁର୍ଘଟଣାଥି ବାଇକ୍ ଆରୋହୀଙ୍କର୍ ଜୀବନ୍ ଯାଇଛେ । ଗୁଟେ ଅକ୍ଲିଆ ଗାଡ଼ି ଧକ୍କା ଦେବାର୍ନୁ ଇ ଦୁର୍ଘଟଣା ଘଟିଥିଲା । ସେ କୋମ୍ନା ବ୍ଲକ୍ର ପଲ୍ସିପାଣି ଗାଁନୁ

ଘର୍‌କେ ଫରୁଥିଲେ । ଖଡ଼ିଆଲ୍ ପୁଲିସ୍ ଇ ବାବ୍‌ଦେ ଗୁଟେ ମାମ୍‌ଲା ରୁଜୁ କରିଛେ ।

ସୁବର୍ଣ୍ଣପୁର୍- ଟଙ୍କା ଜବତ୍ ଆର୍‌ଏନ୍‌ୟୁ/ ସମ୍ବଲ୍‌ପୁର୍

ସୁବର୍ଣ୍ଣପୁର୍ ଜିଲ୍ଲା ବିନ୍‌କା ଥାନାର୍ ରାଜ୍ୟରାଜପଥ ନ ଆଏଜ୍ ପୁଲିସ୍ ଗୁଟେ କାର୍‌ନୁ ୫୫ ଲାଖ୍ ଟଙ୍କା ଜବତ୍ କରିଛେ । ପୁଲିସ୍ ତର୍‌ଫୁ ଗାଡ଼ିମଟର୍ ଯାଂଚ୍ କରାଯାଉଥିଲା । ଇ ସମିଆଥି ବିନ୍‌କା କଲେଜ୍ ଛକ୍‌ଠାନେ ଇ କାର୍‌ନୁ ଟଙ୍କା ଜବତ୍ କରାଯାଇଛେ । କାର୍‌ଥି ଥିବାର୍ ୬ ଝନ୍‌କୁ ଅଟକ ରଖାଯାଇଥିବାର୍ ଜନାପଡ଼ିଛେ । ଇମାନେ କାର୍‌ଥି ଆନ୍ଧ୍ରପ୍ରଦେଶ୍‌ର କାକିନାଡ଼ା ଯାଉଥିଲେ ।

ପାଣିପାଗ ଆର୍‌ଏନ୍‌ୟୁ/ କଟକ୍

ରାଜ୍ୟର୍ ଭିନ୍ ଭିନ୍ ଜାଗା ନ ଆଏବା କାଏଲ୍‌ତକ୍ ଗ୍ରୀଷ୍ମପ୍ରବାହ ଜାରି ରହେବା ବଲି ଭୁବ୍‌ନେଶ୍ୱର୍ ଆଂଚଲିକ୍ ପାଣିପାଗ କେନ୍ଦ୍ର ତର୍‌ଫୁ କୁହାଯାଇଛେ । ଇଥିର୍‌ଲାଗି କଲାହାଣ୍ଡି, ବୌଦ୍ଧ, ବଲାଙ୍ଗିର୍ ଆର୍ ନୂଆପଡ଼ା ସହେତେ ରାଜ୍ୟର୍ ୧୧ ଟା ଜିଲ୍ଲା ଲାଗି ସତର୍କ ସୂଚ୍‌ନା ଜାରି କରାଯାଇଛେ । ଇ ସମିଆଥି ସମ୍ବଲ୍‌ପୁର୍, ସୁବର୍ଣ୍ଣପୁର୍ , ସୁନ୍ଦର୍‌ଗଡ଼୍, କେନ୍ଦୁଝର୍ ଆର୍

ସମୁଦ୍ରକୁଲିଆ ଜିଲ୍ଲାମାନ୍‌କେ ଗୁଲ୍‌ଗୁଲି ହେବା । ହେଲେ  ୨/୩ ଦିନ୍ ଭିତ୍‌ରେ ଧୁକାଧନ୍ଦି ସହେତେ କରାବର୍ଷା ହେଇପାରେ ଆଉ ତାତି ଟିକେ କମିପାରେ ବଲି ପାଣିପାଗ୍ କାର୍ଯ୍ୟାଲୟ ତର୍‌ଫୁ କୁହାଯାଇଛେ ।

ରାଜ୍ୟର୍ ୪ ଟା ଜାଗା ନ ଆଏଜ୍ ଦିନର୍ ତାତି ୪୩ ଡିଗ୍ରୀ ସେଲ୍‌ସିଅସ୍ ନୁ ଉପ୍‌ରେ ଥିବାର୍ ରେକର୍ଡ଼ କରାଯାଇଛେ । ସବୁନୁ ଜହ ତାପମାତ୍ରା ଆଏଜ୍ ଅନୁଗୁଲ୍ ନ  ୪୩ ଦଶ୍‌ମିକ୍ ୫ ଡିଗ୍ରୀ ସେଲ୍‌ସିଅସ୍ ଥିବାର୍ ବେଲେ ମାଲ୍‌କାନ୍‌ଗିରି ନ ୪୩ ଦଶ୍‌ମିକ୍ ୨ ଡିଗ୍ରୀ ସେଲ୍‌ସିଅସ୍ ରେକର୍ଡ଼ କରାଯାଇଛେ । ପଶ୍ଚିମ ଓଡ଼ିଶାର୍ ବୌଦ୍ଧ ଆର୍ ଟିଟିଲାଗଡ଼୍ ନ ସବୁନୁ ଜହ ତାପମାତ୍ରା ୪୩ ଡିଗ୍ରୀ ସେଲ୍‌ସିଅସ୍ ରହିଥିଲା । ଭବାନୀପାଟ୍‌ନା ନ ୪୨ ଦଶ୍‌ମିକ୍ ୮, ବଲାଙ୍ଗିର୍ ନ ୪୨ ଦଶ୍‌ମିକ୍ ୩, ଝାର୍‌ସୁଗୁଡ଼ା ନ ୪୧ ଦଶ୍‌ମିକ୍ ୮, ସମ୍ବଲ୍‌ପୁର୍ ନ ୪୧ ଦଶ୍‌ମିକ୍ ୭, ହୀରାକୁଦ୍ ନ ୪୧ ଦଶ୍‌ମିକ୍ ୧ ଆର୍ ସୁନ୍ଦର୍‌ଗଡ଼୍ ନ ୪୦ ଦଶ୍‌ମିକ୍ ୮ ଡିଗ୍ରୀ ସେଲ୍‌ସିଅସ୍ ତାତି ରେକର୍ଡ଼ କରାଯାଇଛେ ।